# ସମନ୍ୱିତ ଶିଶୁବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ,କ. ନୂଆଗାଁ

ବିଜ୍ଞାପନ ସଂଖ୍ୟା.: ୭୮୦ /ତା: ୨୪.୦୮.୨୦୨୬

ଏତଦ୍ୱାରା ସମନ୍ୱିତ ଶିଶୁବିକାଶ ଯୋଜନା ପ୍ରକଳ୍ପ ଅଧିକାରୀ, କ. ନୂଆଗାଁ ଅଧିନସ୍ଥ ମହାସିଙ୍ଘ(ପୁରୁଣା ସାହି-କ) ଅଙ୍ଗନୱାଡି କେନ୍ଦ୍ରରେ ଖାଲି ପଡିଥିବା ଅଙ୍ଗନୱାଡି କର୍ମୀ ପଦବୀ ପୂରଣପାଇଁ କାର୍ଯ୍ୟାଳୟ ବିଜ୍ଞାପନ ସଂଖ୍ୟା. ୨୦୧୦ / ତାରିଖ. ୦୬.୧୨.୨୦୨୫ ରିଖ ପ୍ରକାରେ ଦରଖାସ୍ତ ଆହ୍ୱାନ କରଯାଇଥିଲା କିନ୍ତୁ ସେହି କେନ୍ଦ୍ରାଞ୍ଚଳ ରେ କୌଣସି ଯୋଗ୍ୟ ଆଦିବାସୀ ମହିଳା ପ୍ରାର୍ଥିନୀ ନଥିବାରୁ ଓଡିଶା ସରକାର ମହିଳା ଓ ଶିଶୁ ବିକାଶ ବିଭାଗ ଜାରି କରିଥିବା ନିର୍ଦ୍ଦେଶାବଳୀ ସଂଖ୍ୟା. **୪୯୭୦/WCD ତା: ୧୫.୦୩.୨୦୨୩** / ନିର୍ଦ୍ଦେଶାବଳୀ ସଂଖ୍ୟା.**୫୫୬୪/WCD ତା:୦୭.୦୩.୨୦୨୪** ନିର୍ଦ୍ଦେଶାବଳୀ ସଂଖ୍ୟା. **୧୫୦୧୫/WCD ତା: ୧୫.୦୭.୨୦୨୪** ଏବଂ **୧୯୦୪୫/WCD ତା: ୨୮.୦୮.୨୦୨୪** ପ୍ରକାରେ ଉକ୍ତ କେନ୍ଦ୍ର ନିମନ୍ତେ ଅଙ୍ଗନୱାଡି କର୍ମୀ ପଦବୀ ପୂରଣ ପାଇଁ ୨ୟ(ଦ୍ୱିତୀୟ) ଥର ପୁନଃ ବିଜ୍ଞାପନ ଜାରି କରି ବର୍ତ୍ତମାନ ଉକ୍ତ କେନ୍ଦ୍ରାଞ୍ଚଳ ଅର୍ଥାତ ମହାସିଙ୍ଘ(ପୁରୁଣା ସାହି-କ) ଅଙ୍ଗନୱାଡି କେନ୍ଦ୍ର ସହିତ ମହାସିଙ୍ଘ(ପୁରୁଣା ସାହି-ଖ) ଅଙ୍ଗନୱାଡି କେନ୍ଦ୍ର ପରିସର ଭୁକ୍ତ ସମସ୍ତ ଆଗ୍ରହୀ **ଆଦିବାସୀ** ମହିଳା ପ୍ରାର୍ଥିନୀ ମାନଙ୍କ ଠାରୁ Online ଜରିଆରେ ଦରଖାସ୍ତ ପତ୍ର ଆହ୍ୱାନ କରାଯାଉଅଛି । ଏଣୁ ମହାସିଙ୍ଘ(ପୁରୁଣା ସାହି-କ) ଅଙ୍ଗନୱାଡି କର୍ମୀ ପଦବୀ ପାଇଁ ଆଗ୍ରହୀ ଆଦିବାସୀ ମହିଳା ପ୍ରାର୍ଥିନୀ ମାନେ ଏହି ପଦବୀ ନିମନ୍ତେ (http://engagement-awc. odisha. gov. in/ landing ୱେବ ସାଇଟ ମାଧ୍ୟମରେ ତା. ୨୫.୦୮.୨୦୨୬ ରିଖଠାରୁ ତା. ୦୮.୦୯.୨୦୨୬ ରିଖ ଅପରାହ୍ନ ଘ.୫.୩୦ ଟିକା ମଧ୍ୟରେ ଆବେଦନ କରିପାରିବେ । ଏହି ପଦବି ପାଇଁ online ଆବେଦନ ବ୍ୟତୀତ ଅନ୍ୟ କୌଣସି ପ୍ରକାର ଆବେଦନକୁ ଗ୍ରହଣ କରାଯିବ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

| କ୍ର. ନଂ | ଗ୍ରାମପଞ୍ଚାୟତ ନାମ | ଅଙ୍ଗନୱାଡି କେନ୍ଦ୍ରର ନାମ | ସମ୍ପୃକ୍ତ ଅଞ୍ଚଳ | ଅଞ୍ଚଳ |
|---|---|---|---|---|
| ୦୧. | ମହାସିଙ୍ଘ | ମହାସିଙ୍ଘ (ପୁରୁଣାସାହି- କ) | ୧. ମହାସିଙ୍ଘ (ପୁରୁଣା ସାହି- କ)<br>୨. ମହାସିଙ୍ଘ (ପୁରୁଣା ସାହି- ଖ) | ଆଦିବାସୀ |

ଯୋଗ୍ୟତା :

୧ ପ୍ରାର୍ଥିନୀ ଆବେଦନ କରୁଥିବା ସମ୍ପୃକ୍ତ ରାଜସ୍ୱ ଗ୍ରାମର ସ୍ଥାୟୀ **ବାସିନ୍ଦା ଓ ଆଦିବାସୀ** ମହିଳା ହୋଇଥିବା ଆବଶ୍ୟକ ।

୨ ବୟସ ୦୧.୦୧.୨୦୨୬ ସୁଧା **୧୮** ବର୍ଷରୁ କମ କିମ୍ବା **୩୫** ବର୍ଷରୁ ଉର୍ଦ୍ଧ ହୋଇନଥିବ ।

୩ ପ୍ରାର୍ଥିନୀ +୨ **( ଦ୍ୱାଦଶ ପାସ)** ହୋଇଥିବା ଆବଶ୍ୟକ ।

୪. ପ୍ରାର୍ଥିନୀ ଓଡିଆ ମାତୃଭାଷା ରେ ଅନ୍ୟୁନ ସପ୍ତମ ଶ୍ରେଣୀ ପାସ କରିଥିବା ଆବଶ୍ୟକ ଏବଂ ଓଡିଆ ଲେଖିବା ,କହିବା ଓ ପଢିବା ବାଧ୍ୟତାମୂଳକ ଅଟେ ।

ଆବଶ୍ୟକ ପ୍ରମାଣ ପତ୍ର :

୧. ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର. ।(ସମ୍ପୃକ୍ତ ତହସିଲଦାର ଙ୍କ ଠାରୁ ତା ୨୫.୦୯.୨୦୨୨ ରିଖ ପରେ ପ୍ରାପ୍ତ ହୋଇଥିବା ଆବଶ୍ୟକ) ।

୨. ଜାତିଗତ ପ୍ରମାଣ ପତ୍ର ।

୩. +୨ **(ଦ୍ୱାଦଶ)** ଓ ସମ୍ପୂର୍ଣ କରିଥିବା ଉଚ୍ଚଶିକ୍ଷା (ଶିକ୍ଷାଗତ ଯୋଗ୍ୟତା) ପ୍ରମାଣ ପତ୍ର ଓ ମାର୍କସିଟ ।

୪. ବିଧବା ପ୍ରାର୍ଥିନୀଙ୍କର କ୍ଷେତ୍ରରେ ସ୍ୱାମୀଙ୍କର ମୃତ୍ୟୁ ପ୍ରମାଣପତ୍ର ।

୫. ନିର୍ଯାତିତା ଓ ଅନାଥଙ୍କ କ୍ଷେତ୍ରରେ ପଞ୍ଜୀକରଣ ସଂସ୍ଥା ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ।

୬. ଭିନ୍ନକ୍ଷମ ପ୍ରାର୍ଥିନୀଙ୍କର କ୍ଷେତ୍ରରେ ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନ ଦ୍ୱାରା ପ୍ରଦତ୍ତ ଭିନ୍ନକ୍ଷମ ପ୍ରମାଣପତ୍ର ।

୭ ପରିଚୟ ପ୍ରମାଣପତ୍ର (Voter ID /Aadhar Card /Pan Card ) ।

୮ ପ୍ରାର୍ଥିନୀ ନିଜସ୍ୱ ଘୋଷଣାନାମା ପତ୍ର, ସମନ୍ୱିତ ଶିଶୁବିକାଶ ଯୋଜନା ପ୍ରକଳ୍ପ ଅଧିକାରୀ, କ.ନୂଆଗାଁଙ୍କ କାର୍ଯ୍ୟାଳୟରୁ ସଂଗ୍ରହ କରି ପ୍ରମାଣ ପତ୍ରଯାଞ୍ଚ ଦିନ ଦାଖଲ କରିବେ ।

୯ ପ୍ରାର୍ଥିନୀ ଭାର ପ୍ରାପ୍ତ ଅଙ୍ଗନୱାଡ଼ିକର୍ମୀଙ୍କ ଠାରେ କେନ୍ଦ୍ରାଞ୍ଚଳ ବାସିନ୍ଦା ପ୍ରମାଣ ପତ୍ର ଦାଖଲ କରିବା ଆବଶ୍ୟକ ।

ଦରଖାସ୍ତକାରିଣୀ online ରେ ଦାଖଲ କରିଥିବା ପ୍ରମାଣ ପତ୍ର ଗୁଡ଼ିକର ମୂଳ ପ୍ରମାଣପତ୍ର ଯାଞ୍ଚ ପାଇଁ ତା ୦୯.୦୯.୨୦୨୬ ରିଖ ଅପରାହ୍ନ ଘ.୦୩.୦୦ସମୟରେ ସମସ୍ତ ମୂଳ ପ୍ରମାଣ ପତ୍ର ସହ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ, କ.ନୂଆଗାଁଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ ।

କୌଣସି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଉପରିସ୍ଥ ଧିକାରୀଙ୍କ ଦ୍ୱାରା ଅଚାନକ ଅନ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ପ୍ରାପ୍ତ ହୁଏ ତେବେ ମୂଳ ପ୍ରମାଣ ପତ୍ର ଯାଞ୍ଚ ଦିବସ ନିର୍ଦ୍ଧାରିତ ତାରିଖ ଓ ସମୟ ପରିବର୍ତ୍ତନ କରାଯାଇପାରେ ।

ଓଡିଶା ସରକାର ମହିଳା ଓ ଶିଶୁ ବିକାଶ ବିଭାଗ ଭୁବନେଶ୍ୱରଙ୍କ ଅଙ୍ଗନୱାଡି କର୍ମୀ/ ମିନି ଅଙ୍ଗନୱାଡି କର୍ମୀ/ ଅଙ୍ଗନୱାଡିସହାୟିକା ଚୟନ ନିର୍ଦ୍ଦେଶାବଳୀ ସଂଖ୍ୟା. ୪୯୭୦/WCD ତା: ୧୫.୦୩.୨୦୨୩ /ନିର୍ଦ୍ଦେଶାବଳୀ ସଂଖ୍ୟା.୫୫୬୪/WCD ତା:୦୭.୦୩.୨୦୨୪ ନିର୍ଦ୍ଦେଶାବଳୀ ସଂଖ୍ୟା. ୧୫୦୧୫/WCD ତା: ୧୫.୦୭.୨୦୨୪ ଏବଂ ୧୯୦୪୫/WCD ତା: ୨୮.୦୮.୨୦୨୪ ପ୍ରକାରେ ଚୟନ କରାଯିବ । ଯଦି କୌଣସି ନୂତନ ନିର୍ଦ୍ଦେଶାବଳୀ ହସ୍ତ ଗତ ହୁଏ ତାହା ମଧ୍ୟ କାର୍ଯ୍ୟକାରୀ କରାଯିବ ।

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ
କ.ନୂଆଗାଁ

ପରିପତ୍ର ସଂଖ୍ୟା: ୭୮୧ / ତାରିଖ : ୨୪.୦୮.୨୦୨୬

ଏହାର ଏକକିତା ନକଲ ସମ୍ପୃକ୍ତ ମଣ୍ଡଳ ପରିଦର୍ଶୀକାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ଓ ନିର୍ଦ୍ଦେଶ ଦିଆଗଲା କି ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରର ବିଜ୍ଞାପନ ଫଳକରେ ଲଗାଇବା ସଙ୍ଗେ ସଙ୍ଗେ ଜନସାଧାରଣ ଙ୍କୁ ଅବଗତ କରାଇବେ ।

ଏହାର ଏକକିତା ନକଲ କାର୍ଯ୍ୟାଳୟର ବିଜ୍ଞାପନ ଫଳକ /ଗୋଷ୍ଠୀ ଉନ୍ନୟନ ଅଧିକାରୀ କ. ନୂଆଗାଁ. / ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କ.ନୂଆଗାଁ/ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ କ. / ନୂଆଗାଁ.ଗୋଷ୍ଠୀ ଶିକ୍ଷା ଅଧିକାରୀ କ. ନୂଆଗାଁ. ଙ୍କ ଅବଗତି ତଥା ସର୍ବ ସାଧାରଣ ଙ୍କ ବହୁଳ ପ୍ରସାର ନିମନ୍ତେ ବିଜ୍ଞାପନ ଫଳକରେ ଲଗାଇବା ପାଇଁ ଅନୁରୋଧ କରାଗଲା ।

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ
କ.ନୂଆଗାଁ

ପରିପତ୍ର ସଂଖ୍ୟା: ୭୮୨ / ତାରିଖ : ୨୪.୦୮.୨୦୨୬

ଏହାର ଏକ କିତା ନକଲ ସରପଞ୍ଚ ମହାସିଙ୍ଘ ଗ୍ରା. ପ./ ମହାସିଙ୍ଘ ଅଞ୍ଚଳର ସମସ୍ତ ଜନସେବାକେନ୍ଦ୍ର/ ମୋ ସେବାକେନ୍ଦ୍ରଙ୍କ ଙ୍କ ଅବଗତି ତଥା ସର୍ବ ସଧାରଣ ଙ୍କ ବହୁଳ ପ୍ରସାର ନିମନ୍ତେ ବିଜ୍ଞାପନ ଫଳକରେ ଲଗାଇବା ପାଇଁ ଅନୁରୋଧ କରାଗଲା ।

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ
କ.ନୂଆଗାଁ

ପରିପତ୍ର ସଂଖ୍ୟା: ୭୮୩ /ତାରିଖ : ୨୪.୦୮.୨୦୨୬

ଏହାର ଏକକିତା ନକଲ ଉପ –ଜିଲ୍ଲା ପାଳ , ବାଲିଗୁଡା /ଜିଲ୍ଲା-ସମାଜ ମଙ୍ଗଳ ଅଧିକାରୀ ,କନ୍ଧମାଳ,ଫୁଲବାଣୀ ଙ୍କ ସଦୟ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ,
କ.ନୂଆଗାଁ